# ଦେବୀପ୍ରସନ୍ନ

## ସ୍ମରଣେ ସ୍ମରଣ



# ବୀପ୍ରସନ୍ନଃ ସ୍ମରଣେ ସ୍ମରଣ

(ପ୍ର. ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଦ୍ୱାଦଶାହ ଉପଲକ୍ଷେ ପ୍ରକାଶିତ ସ୍ମରଣିକା)

ତା: ୦୧.୦୩.୨୦୨୨



**ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ**

ଆବିର୍ଭାବ: ୧୫ ଏପ୍ରିଲ ୧୯୬୦

ତିରୋଧାନ: ୧୯ ଫେବୃୟାରୀ ୨୦୨୨

ନ ଜାୟତେ ମ୍ରିୟତେ ବା
କଦାଚିନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ॥
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥
(ଭଗବତ୍ ଗୀତା- ୨/୨୦)

ଡି.ଟି.ପି.: କମ୍ପ୍ୟୁଟର ସଲ୍ୟୁସନ୍, ଷ୍ଟେସନ୍ ରୋଡ୍, ବ୍ରହ୍ମପୁର
**Deviprasana: Smarane Smarana,**
Edited by: **Dr. Sarat Kumar Jena**
on behalf of Utkal Ashram, Berhampur, Odisha

# ମୋ ସ୍ମୃତିରେ ଦେବୀସାର୍

## ଜଗନ୍ନାଥ ବିଷୋୟୀ

ଜଣେ ଛଳଛଳ ଆବେଗପ୍ରାଣ ମଣିଷ ଥିଲେ ଦେବୀସାର୍ । ତାଙ୍କ ଦେହାବସାନର ସପ୍ତମ ଦିନ ପୂରିଗଲାଣି, ହେଲେ ଜନଗହଳି ପୂର୍ଣ୍ଣ ଆପଣଙ୍କ ବାସଭବନ ଏବଂ କୋଳାହଳମୟ ଗୃହ ଆମ୍ଭକୁ ଅସମ୍ଭବ ଶୂନ୍ୟତା ଖାଁ ଖାଁ ହିଁ ଅନୁଭବ ହେଲା । ହେଲେ ସାର୍ ଯେପରି ଆମ ଗହଣରେ ଅଛନ୍ତି । କଥା କଥାକେ ଦେବୀସାରଙ୍କ ସ୍ମୃତି-ଚାରଣରେ କଳିଙ୍ଗ ସାହିତ୍ୟ ସମାଜର, ଗଂଜାମ କଳା ପରିଷଦ, ଉତ୍କଳ ଆଶ୍ରମର ପରିବାରୀମାନେ ଉଦାସ ହୋଇପଡ଼ନ୍ତି । କଥାରେ କୁହନ୍ତି ଭଲ ଆତ୍ମାମାନେ କୁଆଡ଼େ ଦୀର୍ଘକାଳ ଧରି ଶରୀରୀ ରୂପରେ ରହିପାରନ୍ତି ନାହିଁ । ଈଶ୍ୱର ଖୁବ୍ ଶୀଘ୍ର ତାଙ୍କ ନିକଟକୁ ନେଇଯାଆନ୍ତି ।

ଦେବୀସାରଙ୍କ ଚିର ଅନୁପସ୍ଥିତିର କୋହ ସମ୍ଭରଣ କରିବାକୁ କାହାକୁ ପାଥେୟ କରିହେବ ? ଏ ପ୍ରଶ୍ନ ମତେ ବିଚଳିତ କରେ ଅହରହ । ଦୀର୍ଘ ୨୫ ବର୍ଷର ସ୍ମୃତି ତ' ଅନେକ ! ବଖାଣିବାକୁ ଶବ୍ଦ କାହିଁ ? ମୁଁ ଯେତେବେଳେ ବିଚ୍ଛିନ୍ନାଞ୍ଚଳ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ଜିଲ୍ଲା , ଟିକିଲି ସରକାରୀ ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ପଢୁଥିଲି, ସେ ସମୟରେ ମୋର ଅଗ୍ରଜ ବୃନ୍ଦାବନ ଦଳାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପଢୁଥିଲେ । ମୁଁ ସେ ସମୟରେ ଦେବୀସାରଙ୍କ ସହିତ ସାକ୍ଷାତ ହୋଇଥିଲି । ସାର୍ ମଧ ମୋତେ ପ୍ରେରଣା ଦେଇ କହିଥିଲେ ଯେ 'ଜଗା' ତମେ ମଧ ଓଡ଼ିଆ ବିଭାଗରେ ଜଇନ୍ କର, ତୁମ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଭାଷା ଓ ସାହିତ୍ୟକୁ ବଜାୟ ରଖିବା ପାଇଁ ସାର୍ ମୋତେ କହିଥିଲେ । ମୁଁ ସ୍ନାତକୋତ୍ତର ଓଡ଼ିଆ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ପାରଳାଖେମୁଣ୍ଡିରେ ସମାପ୍ତ କରି ଦେବୀସାରଙ୍କ ତତ୍ତ୍ୱାବଧାନରେ ଏମ୍.ଫିଲ୍. ୨୦୦୨ ମସିହାରେ ସମାପ୍ତ କଲି । ୨୦୦୫ରେ ପିଏଚ୍.ଡି. ଦେବୀସାରଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ୨୦୧୧ ମସିହାରେ ଡକ୍ଟରେଟ୍ ଉପାଧି ପାଇଥିଲି ।

ଦେବୀସାର୍ ! ଆପଣ ସତରେ ଜଣେ ନିରୀହ, ନିଷ୍କପଟ ଆତ୍ମା ଥିଲେ । ତେଣୁ ଆପଣ ଚାଲିଯିବାର ସାମାନ୍ୟତମ ସୂଚନା ବି ପୂର୍ବରୁ ଦେଲ ନାହିଁ । ବେଶ୍ ନୀରବରେ ନିଜ ପ୍ରତ୍ୟାଶିତ ପଥକୁ ବାଛିନେଇଗଲ ହେଲେ ଆମ ପାଇଁ ଛାଡ଼ି ଦେଇଯାଇଛି ଆପଣଙ୍କ ସ୍ନେହଭରା ମେଦୁର ବହଳ ଦିନମାନଙ୍କର ଅସଂଖ୍ୟ ସ୍ମୃତି । ସେହି ସ୍ମୃତି ହିଁ ଏବେ ଏକମାତ୍ର ପାଥେୟ ହୋଇ ରହିଛି ତମ ପରିବାର, ପରିଜନ ଓ ଆତ୍ମୀୟମାନଙ୍କ ପାଇଁ । ତାଙ୍କର ଅବର୍ତ୍ତମାନର କାଳ ମୋ ଭଳି ଅନେକ ଛାତ୍ର, ଛାତ୍ରୀଙ୍କୁ ନିଶ୍ଚେ ଫୁର୍ତ୍ତି ବେଳରେ ନିରୁତ୍ସାହିତ କରୁଥିବ । ନିଃଶ୍ୱାସ ମାରିଲା ଭଳି ସପ୍ତମ ଦିନ କଟିଗଲାଣି ଯାରି ଭିତରେ । ଦେବୀସାରଙ୍କୁ ଅପେକ୍ଷିଛି ମୁଁ । କଥାକୁହା, ଅବୟବରେ ସାର୍ ପଚାରିବେ – ଆଉ 'ଜଗା' ! ଭଲ ଅଛ କି ? ମୁଁ କିଛି କହିବା ଆଗରୁ ସାର୍ ମୋର ଆଗାମୀ ଦିନ ପାଇଁ କର୍ମପନ୍ଥାଟିଏ କରିଦେବେ । ମୋଭଳି ଅନେକ ଛାତ୍ର, ଛାତ୍ରୀଙ୍କ ପାଇଁ ତାଙ୍କ ମନରେ ଥାଏ- ଦରଦ ଓ କଥାରେ

ପ୍ରେରଣାଦାୟୀ ଦିଗ । ଯାହା ମୋତେ ନିଶ୍ଚେ ଉଦ୍‌ବୁଦ୍ଧ କରିଛି । ତାଙ୍କ କଥାନୁସାରେ ମୁଁ ପନ୍ଥା ବାଛେ କି ନାହିଁ ସେ ଭିନ୍ନ କଥା, କିନ୍ତୁ ତାଙ୍କ କଥାରୁ ଗୋଟିଏ କଥା ସ୍ପଷ୍ଟ ବାରିପଡ଼େ- ନିଷ୍ଠାପର କର୍ମର ଫଳ ମିଳିବ ହିଁ ମିଳିବ । ସେଇଥିପାଇଁ ମୁଁ ସାର୍‌ଙ୍କୁ ଭଲପାଏ, ମନେ ରଖେ । ମତେ ଏବେ ବି ଆମ ଗହଣରେ ସାର୍ ଜୀବନ୍ତ ଲାଗନ୍ତି ।

ଏମିତି ନିହାତି ସରଳ, ନିଷ୍କପଟ, ସହୃଦୟୀ, ନିଃସ୍ୱାର୍ଥପର ଲୋକର ସଂସ୍ପର୍ଶରେ ମୁଁ ଦୀର୍ଘ ୨୫ ବର୍ଷ ବିତାଇ ଦେଇଛି ବୋଲି ନିଜକୁ ଧନ୍ୟ ମଣୁଛି । ତାଙ୍କର ଅଫୁରନ୍ତ ସ୍ଫୂର୍ତ୍ତି, ଚଳଚଞ୍ଚଳ ଓ କଥାକୁହା ଅଙ୍ଗଭଙ୍ଗୀ ମୋ ଭଳି ଅନ୍ୟମାନଙ୍କୁ ପ୍ରେରଣାଦେବ- ଏଥିରେ ସନ୍ଦେହ ନାହିଁ ।

କୌଣସି ସ୍ମୃତିଚାରଣ ସଂପୂର୍ଣ୍ଣ ନୁହେଁ । ଏଣୁ ମୁଁ ବାଧ୍ୟ ହେଉଛି । ଶେଷ କଥା ଶବ୍ଦରେ ଲେଖିବାକୁ- "ପରମ ଶକ୍ତିମାନ୍ ମା' ବୁଢ଼ୀ ଠାକୁରାଣୀ ଦେବୀସାର୍‌ଙ୍କ ପରିବାରକୁ ସାରା ଜୀବନ ସହାୟ ହୁଅନ୍ତୁ ।"

-୦-

ଓଡ଼ିଆ ଅଧ୍ୟାପକ, ସରକାରୀ ଡିଗ୍ରୀ ମହାବିଦ୍ୟାଳୟ,
ପୁରୁଣା ପାଟଣା, ଶ୍ରୀକାକୁଲମ ଜିଲ୍ଲା, ଆନ୍ଧ୍ରପ୍ରଦେଶ